# NATIONAL NEWS BULLETIN (ODIA)

**27 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ଝାରସୁଗୁଡ଼ାଠାରେ ୬୦ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ
- ବିଏସ୍‌ଏନ୍‌ଏଲ୍‌ର ନୂତନ ୪-ଜି ମୋବାଇଲ୍ ଟାୱାରକୁ କଲେ ଲୋକାର୍ପଣ
- ପରବର୍ତ୍ତୀ ପିଢ଼ି ଜିଏସଟି ସଂସ୍କାର ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହନ ପ୍ରଦାନ କରୁଛି
- ଚଳିତ ଆର୍ଥିକ ବର୍ଷ ପାଇଁ ଡବ୍ଲୁଏମ୍‌ଏ ସୀମା ଧାର୍ଯ୍ୟ କଲା ଆରବିଆଇ

ଏବଂ

- ଦୁବାଇରେ ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତାକାଲି ଅନୁଷ୍ଠିତ ହେବ ଏସୀଆ କପ୍ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଝାରସୁଗୁଡ଼ାର ଆମୋଲିପାଲି ରିଜର୍ଭ ପଡ଼ିଆଠାରେ ୬୦ ହଜାର କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏଥିରେ ଦୂରସଂଚାର, ରେଳବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ଗ୍ରାମୀଣ ଆବାସ ନିର୍ମାଣ ଆଦି ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ ।

ଜନସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୧୪ ପୂର୍ବରୁ ତତ୍କାଳୀନ ସରକାରଙ୍କ ଅମଳରେ ପରିବାରଗୁଡ଼ିକୁ ବାର୍ଷିକ ୧ ଲକ୍ଷ ଟଙ୍କା ଖର୍ଚ୍ଚ ଉପରେ ୨୫ ହଜାର ଟଙ୍କା ଟିକସ ଦେବାକୁ ପଡୁଥିଲା । ୨୦୧୭ରେ ଦ୍ରବ୍ୟ ଓ ସେବାକର ଜିଏସ୍‌ଟି ପ୍ରଚଳନ ପରେ ଟିକସ ବୋଝ ବହୁ ପରିମାଣରେ ହ୍ରାସ ପାଇଛି । ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ପରେ ଏହା ଆହୁରି ସରଳ ଏବଂ ସହଜ ହୋଇପାରିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ସଂପ୍ରତି ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠାକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ଏକ ସେମିକଣ୍ଡକ୍ଟର ପାର୍କ ମଧ୍ୟ ବିକଶିତ କରିବାକୁ ଯୋଜନା କରାଯାଇଛି । ଫଳରେ ଓଡ଼ିଶାର ଶିଳ୍ପ ଏବଂ ପ୍ରଯୁକ୍ତି ବିଦ୍ୟା ଅଭିବୃଦ୍ଧି ଅଧିକ ଗତିଶୀଳ ହୋଇପାରିବ ।

**V/O (PM Modi on Chip)**

ବିଏସ୍‌ଏନ୍‌ଏଲ୍ ଦ୍ୱାରା ପ୍ରତିଷ୍ଠିତ ୯୭ ହଜାର ୫୦୦ରୁ ଅଧିକ ନୂତନ ଫୋର୍-ଜି ମୋବାଇଲ୍ ଟାୱାରକୁ ଲୋକାର୍ପଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଟେଲିକମ୍ କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ । ୩୭ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଟାୱାର ଗୁଡ଼ିକୁ ସଂପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ପ୍ରସ୍ତୁତ କରାଯାଇଛି । ନିଜସ୍ୱ ଟେଲିକମ୍ ନେଟୱର୍କ ନିର୍ମାଣ ତଥା ଦେଶରେ ଡିଜିଟାଲ୍ ଅନ୍ତର୍ଭୁକ୍ତୀକୁ ପ୍ରୋତ୍ସାହନ ପ୍ରଦାନ କରାଯାଇ ଖୁବ୍‌ଶୀଘ୍ର ୩୦ ହଜାର ଗ୍ରାମକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସଂଯୋଗ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Modi on BSNL 4-G)**

ଏହି ଅବସରରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ କଲେଜ ଏବଂ ବୁର୍ଲା ସମ୍ବଲପୁରର ଭୀମ୍‌ସାରକୁ ବିଶ୍ୱସ୍ତରୀୟ ସୁପର୍ ସ୍ପେଶାଲିଟି ହସ୍ପିଟାଲରେ ଉନ୍ନୀତ କରିବା ନେଇ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଓଡ଼ିଶାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଏହା ସହାୟକ ହେବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଗୁଜରାଟର ଉଧନା ଏବଂ ବ୍ରହ୍ମପୁର ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।

**V/O (PM Modi on Surat-Berhampur)**

ସମାବେଶରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି,  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହିଥିଲେ ।

---

# ପିଏମ୍-ଆର୍ଟିକିଲ୍

ବିଏସ୍‌ଏନ୍‌ଏଲ୍‌ର ୪-ଜି ବ୍ୟବସ୍ଥା ସ୍ୱଦେଶୀ ଭାବନାକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ  ନରେନ୍ଦ୍ର ମୋଦୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଏକ ଆଲେଖ୍ୟକୁ ଶେୟାର କରି କହିଛନ୍ତି, ୨୨ ନିୟୁତ ଭାରତୀୟଙ୍କୁ ଏହା ସଂଯୋଗ କରୁଛି । ୯୨ ହଜାରରୁ ଅଧିକ ୱେବ୍‌ସାଇଟ୍ ମାଧ୍ୟମରେ ବିଏସ୍‌ଏନ୍‌ଏଲ୍ ଫୋର୍-ଜି ବ୍ୟବସ୍ଥା ଦେଶର ନିର୍ଭରଶୀଳତାରୁ ଆତ୍ମବିଶ୍ୱାସ, ନିଯୁକ୍ତି, ରପ୍ତାନୀ, ଆର୍ଥିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ଆଧାରିତ ଯାତ୍ରାକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

---

## ଜିଏସ୍‌ଟି ସ୍ୱାସ୍ଥ୍ୟସେବା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷିତ ଜିଏସଟି ସଂଚୟ ଉତ୍ସବ ଗତ ୨୨ ତାରିଖଠାରୁ ଆରମ୍ଭ ହୋଇଛି । ସମାଜର ବିଭିନ୍ନ ବର୍ଗର ଲୋକ ଏହା ଦ୍ୱାରା ସୁଫଳ ପାଉଛନ୍ତି । ପରବର୍ତ୍ତୀ ପିଢ଼ି ଜିଏସଟି ସଂସ୍କାର ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ବିଭିନ୍ନ ସାମଗ୍ରୀ ଓ ସେବା ଉପରେ ଟିକସ ହାର ହ୍ରାସ ନାଗରିକଙ୍କୁ ପ୍ରୋତ୍ସାହନ ପ୍ରଦାନ କରୁଛି ।

ନୂତନ ଜିଏସଟି ସଂସ୍କାର ମାଧ୍ୟମରେ ସରକାର ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ନିବେଶ ବୃଦ୍ଧିକୁ ଦୃଷ୍ଟିରେ ରଖି ଗୁରୁତ୍ୱପୂର୍ଣ୍ଣ ଟିକସ ହ୍ରାସ ଘୋଷଣା କରିଛନ୍ତି । ଜିମ୍ ଏବଂ ଫିଟ୍‌ନେସ୍ କେନ୍ଦ୍ର ଉପରେ ଜିଏସଟି ହାର ୧୮ରୁ ୫ ପ୍ରତିଶତକୁ ହ୍ରାସ ପାଇଛି। ସୁସ୍ଥ ଜୀବନଶୈଳୀକୁ ଅଧିକ ସୁଲଭ କରିବାରେ ଏହା ବେଶ୍ ଉପଯୋଗୀ ହୋଇପାରିବ । ଦୁଗ୍ଧ ଆଧାରିତ ପାନୀୟ ଏବଂ ଶୁଖିଲା ଭଳି ସୁସ୍ଥ ଖାଦ୍ୟ ସାମଗ୍ରୀ ଉପରେ ଟିକସ ହାର ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହା ଦ୍ୱାରା ମଧ୍ୟମ ବର୍ଗ ବେଶ୍ ସୁଫଳ ପାଇବେ ।

---

## ଆର୍‌ବିଆଇ

୨୦୨୫-୨୬ ଆର୍ଥିକବର୍ଷର ଦ୍ୱିତୀୟାର୍ଦ୍ଧ ପାଇଁ କେନ୍ଦ୍ର ସରକାରଙ୍କ ୱେଜ୍ ଏବଂ ମିନ୍ସ ଅଗ୍ରୀମ (WMA) ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ୫୦ ହଜାର କୋଟି ଟଙ୍କାର ସୀମା ଧାର୍ଯ୍ୟ କରିଛି । WMA ହେଉଛି କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଆର୍ଥିକ କାରବାରରେ ରହୁଥିବା ଅସଙ୍ଗତିକୁ ଦୂର କରିବା ପାଇଁ ଆର୍‌ବିଆଇ ପ୍ରଦାନ କରୁଥିବା ଅଗ୍ରୀମ ଅର୍ଥ । ଆରବିଆଇ ଏକ ବିବୃତିରେ

କହିଛି, କେନ୍ଦ୍ର ସରକାରଙ୍କ ସହ ପରାମର୍ଶ ପରେ WMA ସୀମା ନିର୍ଦ୍ଧାରଣ କରାଯାଇଛି । ଏହି ସୀମାର ୭୫ ପ୍ରତିଶତ ବ୍ୟବହାର ହେବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ବଜାର ଋଣର ନୂତନ ସ୍ତର ନିର୍ଦ୍ଧାରଣ କରିଥାଏ ବୋଲି ଆର୍‌ବିଆଇ. କହିଛି । ଏପରିକି ଆରବିଆଇ ଏବଂ ସରକାର ମିଳିତ ଭାବେ ପରିସ୍ଥିତିକୁ ଦୃଷ୍ଟିରେ ରଖି WMA ସୀମା ସଂଶୋଧନ ମଧ୍ୟ କରିଥାଆନ୍ତି । ଏହା ଉପରେ ସୁଧ ହାର ପ୍ରଚଳିତ ରେପୋ ହାର ଅନୁଯାୟୀ କାର୍ଯ୍ୟକାରୀ ହୋଇଥାଏ । ଓଭର୍‌ଡ୍ରାଫ୍ଟ କ୍ଷେତ୍ରରେ ସୁଧ ରେପୋ ହାରଠାରୁ ୨ ପ୍ରତିଶତ ଅଧିକ ରହିଥାଏ ବୋଲି ଆରବିଆଇ କହିଛି ।

---

# ସେବାପର୍ବ-ଆଚିଭ୍‌ମେଣ୍ଟ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ଦେଶର କାଳଜୟୀ ଐତିହ୍ୟ ଏବଂ ଶହୀଦମାନଙ୍କୁ ସମ୍ମାନିତ କରିବା ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ସଂପର୍କରେ ।

ଇତିହାସର ସଂରକ୍ଷଣ ଏବଂ ଦେଶପ୍ରେମକୁ ପ୍ରୋତ୍ସାହିତ କରିବା ସହିତ ପରବର୍ତ୍ତୀ ପିଢ଼ିକୁ ତ୍ୟାଗର ଭାବନା ସହିତ ଯୋଡ଼ିବା ପାଇଁ କେନ୍ଦ୍ର ସରକାର ବହୁ ପ୍ରତୀକାତ୍ମକ ସ୍ମାରକୀ ଏବଂ ଜାତୀୟ ଗର୍ବର ପ୍ରତୀକ ପ୍ରତିଷ୍ଠା କରିଛନ୍ତି । ପ୍ରତ୍ୟେକ ରାଷ୍ଟ୍ର ଗଠନରେ ପ୍ରାଣବଳି ଦେଇଥିବା ବୀରମାନଙ୍କ ଚିନ୍ତାଧାରା, ସଂଗ୍ରାମୀ ଜୀବନ, ତ୍ୟାଗ, ଏବଂ ଦୃଷ୍ଟିକୋଣ ପରିଭାଷିତ ହୋଇଥାଏ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏ

ଦିଗରେ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି । ନୂତନ ସଂସଦ ଭବନ ଉଦ୍‌ଘାଟନ କରାଯିବା ଅବସରରେ ସଂଗ୍ରାମୀଙ୍କର ସ୍ମାରକୀ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

**V/O (PM)**

ନୂଆଦିଲ୍ଲୀର ଜାତୀୟ ଯୁଦ୍ଧ ସ୍ମାରକୀ ଆମ ସୈନିକଙ୍କ ସାହସ ଏବଂ ବଳିଦାନକୁ ପ୍ରତିଫଳନ କରୁଛି । ଅମୃତସରରେ ପୁନଃ ନିର୍ମିତ ଜାଲିଆନାୱାଲାବାଗ୍ ସ୍ମାରକୀ ସ୍ୱାଧୀନତା ସଂଗାମର ସ୍ମୃତିକୁ ଜୀବିତ କରି ରଖିଛି । ସ୍ୱାଧୀନତା ପରଠାରୁ ଗଣତନ୍ତ୍ରକୁ ଏଭଳି ସ୍ମାରକୀ ମାର୍ଗଦର୍ଶନ କରିଆସୁଛି । ଜାତୀୟ ପୋଲିସ୍ ସ୍ମାରକୀ ପୋଲିସ୍ କର୍ମଚାରୀଙ୍କ ସାହସିକତାକୁ ସମ୍ମାନ ପ୍ରଦର୍ଶନ କରୁଛି । ଦେଶବ୍ୟାପୀ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟଗୁଡ଼ିକ ଆଦିବାସୀ ସଂପ୍ରଦାୟ ନାୟକଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରୁଛି । ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍ ବୈଶ୍ୱିକ ସ୍ତରରେ ଦେଶର ସଭ୍ୟତାଗତ ଇତିହାସକୁ ପ୍ରତିଫଳିତ କରୁଛି ।

**Seba Parba Closing**

---

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ସନ୍ଧ୍ୟା ସାଢ଼େ୬ଟାରେ **ମାର୍କେଟ୍ ମନ୍ତ୍ର** କାର୍ଯ୍ୟକ୍ରମରେ **ପରବର୍ତ୍ତୀ ପିଢ଼ି ଜିଏସଟି ସଂସ୍କାର** ଉପରେ ଆଲୋଚନାର ପ୍ରଚାର କରାଯିବ । ଅର୍ଥମନ୍ତ୍ରଣାଳୟ ଏବଂ ଅର୍ଥ ବିଶେଷଜ୍ଞ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ପ୍ରସାରଣ ସମୟରେ ଶ୍ରୋତାମାନେ ପରବର୍ତ୍ତୀ ପିଢ଼ି ଜିଏସଟି ସଂସ୍କାର ସଂପର୍କିତ ପ୍ରଶ୍ନ ପଚାରିପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-

23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ହ୍ୱାଟ୍ସଆପ୍ ନମ୍ବରରେ ମଧ୍ୟ ପ୍ରଶ୍ନ ପଚାରିପାରିବେ ।

## ଏସିଆ କପ୍ କ୍ରିକେଟ୍

ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଆସନ୍ତାକାଲି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲି ଅନୁଷ୍ଠିତ ସୁପର ଫୋର୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ସୁପର ଓଭର୍ ଜରିଆରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା । ଏହି ବିଜୟ ସହିତ ଭାରତ ୬ଟିଯାକ ମ୍ୟାଚ୍‌ରେ ବିଜୟ ହାସଲ କରିଥିବାବେଳେ ଶ୍ରୀଲଙ୍କା ପ୍ରତିଯୋଗିତାର ବାଦ୍ ପଡ଼ିଛି । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୨୦୨ ରନ୍ କରିଥିବାବେଳେ ଶ୍ରୀଲଙ୍କା ମଧ୍ୟ ସମାନ ସଂଖ୍ୟ ଓଭର୍‌ରେ ୨୦୨ ରନ୍ ସ୍କୋର କରିଥିଲା । ଫଳରେ ସୁପର୍ ଓଭର୍ ଖେଳାଯାଇଥିଲା । ସୁପର୍ ଓଭର୍‌ରେ ଭାରତର ଅର୍ଶଦୀପ ସିଂହ ୨ ରନ୍‌ରେ ୨ଟି ୱିକେଟ୍ ନେଇଥିଲେ । ଭାରତ ଗୋଟିଏ ବଲ୍‌ରେ ୩ ରନ୍ ହାସଲ କରି ବିଜୟ ଲାଭ କରିଥିଲା ।